**ସଂକ୍ଷେପରେ**

## ପରିଣତ ବୟସରେ ଥକିନାହାନ୍ତି ରୁତୁଲି



କୋଟଗଡ, ୨୩।୬(ସରୋଜ ବଳିୟାରସିଂ): କନ୍ଧମାଳ ଜିଲା ବାଲିଗୁଡା ବ୍ଲକ ବାଟଗୁଡା ଗ୍ରାମ ପଞ୍ଚାୟତ ତାଗାକିଆ ଗ୍ରାମର ୮୦ବର୍ଷର ବୃଦ୍ଧା ରୁତୁଲି ମଲ୍ଲିକ ଜାତୀୟ ରାଜପଥ ପାର୍ଶ୍ୱରେ ପଡ଼ିଥିବା ଶାଳମଞ୍ଜି ସଂଗ୍ରହ କରୁଥିବା ଦେଖିବାକୁ ମିଳିଛି। ପରିଣତ ବୟସରେ ବି ସେ ନିଜକୁ ଦୁର୍ବଳ ଭାବିନାହାନ୍ତି। ସ୍ୱାମୀ ଲିଙ୍ଗରାଜ ମଲ୍ଲିକ କେବେଠାରୁ ଆରପାରିକୁ ଚାଲିଗଲେଣି। ପରିବାର କହିଲେ ଦୁଇ ପୁଅ, ବୋହୂ, ନାତି ନାତୁଣୀ। ବଡ଼ ପୁଅ, ବୋହୂ ଓ ନାତି ନାତୁଣୀ ସାଙ୍ଗରେ ରୁହନ୍ତି। ସରକାରଙ୍କ ଠାରୁ ମାସକୁ ବାର୍ଦ୍ଧକ୍ୟ ଭତ୍ତା ପାଞ୍ଚସହ ଟଙ୍କା ପାଆନ୍ତି। ଆଖିକୁ ଠିକ ଭାବେ ଦେଖା ଯାଉ ନାହିଁ। ଅଣ୍ଟା ପଡ଼ିଗଲାଣି। ଚମ ଧୁଡୁ ଧୁଡୁ ହେଲାଣି। ତଥାପି ବୟସ ପାଖରେ ହାର ମାନିନାହାନ୍ତି। ଖରା ବର୍ଷାକୁ ଖାତିର ନ କରି ରାସ୍ତା ପାର୍ଶ୍ୱରେ ଶାଳ ମଞ୍ଜି ଓ ଟୋଲ ମଞ୍ଜି ସଂଗ୍ରହ କରିବାକୁ ଚାଲି ଆସନ୍ତି। ତେବେ ତାଙ୍କୁ ପଚାରିବାରୁ, ମୁଁ ଘରେ ବସି ରହିବାକୁ ପସନ୍ଦ କରେ ନାହିଁ। ଯେପର୍ଯ୍ୟନ୍ତ ମୋର ଦେହରେ ରୋଗ ଆସି ନାହିଁ ସେ ପର୍ଯ୍ୟନ୍ତ ମୁଁ ଏମିତି କାମ କରିଚାଲିଥିବି। ତାଙ୍କର ଏହି ମନୋଭାବ ସମାଜ ପାଇଁ ପ୍ରେରଣା ଯୋଗାଇବ।

## ବୈଷୟିକ କେନ୍ଦ୍ରରେ ନାମଲେଖା ପାଇଁ ପରାମର୍ଶ ଶିବିର

ଧରାକୋଟ, ୨୩।୬(ବିଷ୍ଣୁକେଶରୀ ଆଚାର୍ଯ୍ୟ): ସରକାରୀ ଆଇଟିଆଇ ଓ ପଲିଟେକନିକରେ ନାମ ଲେଖାଇ ନିଜର ଭବିଷ୍ୟତକୁ ଯେପରି ଛାତ୍ରୀଛାତ୍ର ମାନେ ଉଜ୍ଜ୍ୱଳ କରିପାରିବେ ସେଥିପାଇଁ ଏକ ପରାମର୍ଶ ଶିବିର ଶୁକ୍ରବାର ଧରାକୋଟ ଶ୍ରୀ ରାଜ ଉଚ୍ଚବିଦ୍ୟାଳୟଠାରେ ଅତିରିକ୍ତ ବିଇଓ ଉମାଚରଣ ପାଣିଗ୍ରାହୀଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୧୯ଟି ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀମାନେ ଯୋଗଦେଇଥିଲେ। ଶିବିରକୁ ବ୍ରହ୍ମପୁର ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜର ଆଞ୍ଚଳିକ ସହକାରୀ ନିର୍ଦ୍ଦେଶକ ଆର.ଏମ ଖିଲାର ଉଦଘାଟନ କରିଥିଲେ। ବ୍ରହ୍ମପୁର ପଲିଟେକନିକର ବୈଷୟିକ ପରାମର୍ଶଦାତା ଲିପିକା ଷଣ୍ଢ, କୃଷ୍ଣଚନ୍ଦ୍ର ବିଷୋୟୀ, ଶେରଗଡ଼ ଆଇଟିଆଇର ଦୁର୍ଗା ମାଧବ ନାୟକ, ପ୍ରଦୀପ ବେହେରା, ବ୍ରହ୍ମପୁର ଆଇଟିଆଇର ରୁଦ୍ର ନାରାୟଣ, ତପନ ସାହୁ, ହିଞ୍ଜିଳି ଆଇଟିଆଇର ମିଳନ ନାୟକ ଯୋଗଦେଇ ଛାତ୍ରୀମାନେ କେଉଁ ବିଷୟରେ ତାଲିମ ନେଲେ ନିଜର ଭବିଷ୍ୟତ ଗଢ଼ିପାରିବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏବିଇଓ ପ୍ରଦୀପ ଶତପଥି, ସିଆରସିସି ଭାସ୍କର ବାଡତ୍ୟା ଓ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ ସହଯୋଗ କରିଥିଲେ।

## ବଜ୍ରପାତରେ ୧୨ ଗୋରୁ ମୃତ



କୋଟଗଡ, ୨୩।୬(ସରୋଜ ବଳିୟାର ସିଂ): କନ୍ଧମାଳ ଜିଲା କୋଟଗଡ ବ୍ଲକ ଧରାକୋଟ ପଞ୍ଚାୟତର ସାଜେଲି ଗ୍ରାମରେ ବଜ୍ରପାତ ଘଟି ୧୨ଟି ଗୋରୁଙ୍କ ମୃତ୍ୟୁ ହୋଇଛି। ଗାଁ ନିକଟରେ ବଳଦଗୁଡ଼ିକ ଚରୁଥିବା ବେଳେ ବଜ୍ରପାତ ହୋଇଥିଲା। ଯେଉଁମାନଙ୍କର ବଳଦ ମୃତ୍ୟୁ ଘଟିଛି ସେମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଘାଟିରେ ଓଲଟିଲା ସିମେଣ୍ଟ ବୋଝେଇ ଟ୍ରକ

ଜି.ଉଦୟଗିରି, ୨୩।୬(ଶିଶିର ପଟ୍ଟନାୟକ): ଜି.ଉଦୟଗିରି ନିକଟସ୍ଥ ଶ୍ରୀକଲା ଘାଟି ନିକଟରେ ଏକ ୧୬ ଚକିଆ ସିମେଣ୍ଟ ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଛି। ଶୁକ୍ରବାର ସକାଳେ ବ୍ରେକ ଫେଲ ହେବା ଫଳରେ ଓଲଟି ପଡିଥିଲା। ଟ୍ରକ୍‌ଟି ରାୟପୁରରୁ ବାହାରି ଫୁଲବାଣୀ ଯିବାର ଥିଲା। ଡ୍ରାଇଭରଙ୍କ ସହିତ ହେଲପର ସୁରକ୍ଷିତ ରହିଛନ୍ତି।

# ପ୍ରସ୍ତାବିତ ଡ୍ୟାମକୁ କିଷାନ ମଜଦୁର ସଂଘର ବିରୋଧ

### ତହସିଲଦାରଙ୍କୁ ୧୨ଦଫା ଦାବିପତ୍ର ପ୍ରଦାନ

ସୋରଡ଼ା, ୨୩।୬(ଲମ୍ବୋଦର ପାଣିଗ୍ରାହୀ): ଋଷିକୂଲ୍ୟା ନଦୀର ଉପରମୁଣ୍ଡରେ ଥିବା ସୋରଡ଼ା ବ୍ଲକର ପିପଲପଙ୍କାଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତାବିତ ଜଳଭଣ୍ଡାର (ଡ୍ୟାମ)କୁ ଅଖିଳ ଭାରତ କିଶାନ ମଜଦୁର ସଭା ପକ୍ଷରୁ ବିରୋଧ କରାଯାଇଛି। ସଂଗଠନ ପକ୍ଷରୁ ଶୁକ୍ରବାର ସୋରଡ଼ା ଠାରେ ଆୟୋଜିତ ବିଶାଳ ଗଣ ବିକ୍ଷୋଭ ଜରିଆରେ ସ୍ଥାନୀୟ ଚାଷୀ, ଆଦିବାସୀ ଓ ସାଧାରଣ ଲୋକେ ବିରୋଧ କରି ରାଜ୍ୟ ସରକାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଋଷିକୂଲ୍ୟା ନଦୀରେ ଏବେ ବର୍ଷର ଚାରି ମାସ ଜଳାଭାବ ଦେଖାଦେଉଥିବା ବେଳେ ଉପର ମୁଣ୍ଡରେ ନଦୀବନ୍ଧ କଲେ ତାହା ସମ୍ପୂର୍ଣ୍ଣ ଶୁଖିଯିବ ଏବଂ ତଳ ମୁଣ୍ଡରେ ଏହାକୁ ନିର୍ଭର କରି ଚାଷ କରୁଥିବା ହଜାର ହଜାର ପରିବାର ଜଳ ପାଇବାରୁ ବଞ୍ଚିତ ହେବେ ବୋଲି କୁହାଯାଇଛି । ଏହାବ୍ୟତୀତ ନଦୀବନ୍ଧ ନିର୍ମାଣ ହେଲେ ଗାଜଲବାଡି ଓ ଗୋଛା ପଞ୍ଚାୟତର କୋଡ଼ିଏଟି ଗ୍ରାମର ଲୋକ ଭିଟାମାଟିରୁ ବଞ୍ଚିତ ହେବେ। ତେଣୁ କୌଣସି ପରିସ୍ଥିତିରେ ବି ଏହି ପ୍ରକଳ୍ପ ହେବାକୁ ଦିଆଯିବ ନାହିଁ ବୋଲି ଚେତାବନୀ ଦିଆଯାଇଛି। ଏଥିସହିତ ବ୍ଲକର ଗରିବ ଓ ଭୂମିହୀନଙ୍କୁ ଜମି ଓ ଜଙ୍ଗଲ ଉପରେ ଅଧିକାର ପ୍ରଦାନ, ବିଦ୍ୟୁତକରଣ, ସୋରଡ଼ା ଜଳଭଣ୍ଡାରର ବଳକା ଜମିକୁ ଦଖଲରେ ଥିବା ଚାଷୀଙ୍କୁ ପଟ୍ଟା ପ୍ରଦାନ, ବନୀକରଣ ନାଁରେ ଜଙ୍ଗଲ ବିଭାଗର ଗରିବ ଲୋକଙ୍କ ଉପରେ ଜୁଲମ ବନ୍ଦ, ଚାଷଜମିରେ ବଳପୂର୍ବକ ଚାରାରୋପଣ ନକରିବା, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ସର୍ବନିମ୍ନ ତିନି ହଜାର ଟଙ୍କାକୁ ବୃଦ୍ଧି କରିବା ଇତ୍ୟାଦି ଦାବି ନେଇ ସ୍ଥାନୀୟ ତହସିଲଦାରଙ୍କୁ ସ୍ମାରକପତ୍ର ଦିଆଯାଇଥିଲା।

ଅଖିଳ ଭାରତ କିଷାନ ମଜଦୁର ସଭାର ସର୍ବଭାରତୀୟ ସମ୍ପାଦକ ଭାଲଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ରାଜ୍ୟର ଗରିବ ଲୋକଙ୍କୁ ସର୍ବନିମ୍ନ ସୁବିଧା ଯୋଗାଇ ଦେବାରେ ବିଫଳ ହୋଇଛନ୍ତି ବୋଲି କହିଥିଲେ। ଏଆଇକେଏମଏସ୍ ବ୍ଲକ ସଭାପତି କାଳୀଚରଣ ନାୟକ ସଭାପତିତ୍ୱ କରିଥିବା ବେଳେ ବ୍ଲକ ସମ୍ପାଦକ ସଂଗ୍ରାମ ନାୟକ, ଆଦିବାସୀ ନେତା ଉଗ୍ରସେନ ପ୍ରଧାନ, ସାମସନ ଗମାଙ୍ଗ ତଥା ସଂଗଠନର ରାଜ୍ୟ ସମ୍ପାଦକ ପ୍ରତାପ ନାୟକ, ଯୁବନେତା ଲକ୍ଷ୍ମୀ ନୃସିଂହ ପ୍ରମୁଖ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ ।



୧୨ ଦଫା ଦାବି ନେଇ ବିକ୍ଷୋଭ କରାଯାଉଛି।

## ଅଚିହ୍ନା ଯୁବକଙ୍କ ମୃତଦେହ ଜବତ

ପାରଳାଖେମୁଣ୍ଡି, ୨୩।୬(ଗିରିଧାରୀ ପରିଚ୍ଛା): ଗଜପତି ଜିଲା ଗୋଷାଣି ବ୍ଲକ ଗାରବନ୍ଧ ଥାନା ଅନ୍ତର୍ଗତ ବଡହଂସା ଗ୍ରାମ ଡୋଟା ସାହି ନିକଟରେ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହ ଜବତ କରାଯାଇଛି। ଗାରବନ୍ଧ ଥାନା ଅଧିକାରୀ ଗୋବିନ୍ଦ ଗୌଡଙ୍କ ସହ ପୋଲିସ ଟିମ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ଗୁରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ପରେ ସଂରକ୍ଷିତ ଗୃହରେ ରଖାଯାଇଛି। ନିର୍ଦ୍ଧାରିତ ସମୟରେ ଅଚିହ୍ନା ଯୁବକଙ୍କ କେହି ସମ୍ପର୍କୀୟ ନଆସିଲେ ଶବ ସତ୍କାର କରାଯିବ ବୋଲି ଜଣାପଡିଛି । ମୃତ ଯୁବକଙ୍କ ଆନୁମାନିକ ବୟସ ୩୫ ରୁ ୪୦ ବର୍ଷ ମଧ୍ୟରେ ହେବ ବୋଲି ଏହି ଘଟଣାର ତଦନ୍ତ କରୁଥିବା ଏସଆଇ ଚନ୍ଦ୍ରକାନ୍ତ ପ୍ରଧାନ ସୂଚନା ପ୍ରଦାନ କରିଛନ୍ତି ।

# ଆଇଟିଆଇରେ ନାମଲେଖା ପ୍ରକ୍ରିୟା ଆରମ୍ଭ

ଭଞ୍ଜନଗର, ୨୩।୬(ବାବୁଲା ପ୍ରଧାନ): ଭଞ୍ଜନଗର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ନିକଟରେ ନୂତନ ଭାବେ ନିର୍ମାଣ ହୋଇଥିବା ଶିଳ୍ପ ତାଲିମ କେନ୍ଦ୍ରରେ ଚଳିତ ଶିକ୍ଷା ବର୍ଷରୁ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି। ବର୍ତ୍ତମାନ ଅଫ ଲାଇନରେ ଆବେଦନ ପ୍ରକ୍ରିୟା ଚାଲିଛି। ପ୍ରଥମ ପର୍ଯ୍ୟାୟରେ ୪ଟି ଟ୍ରେଡରେ ନାମ ଲେଖା ପାଇଁ ବ୍ୟବସ୍ଥା କରାଯାଇଛି। ସେଗୁଡିକ ହେଲା ବୈଦ୍ୟୁତିକ ମୋଟର ଯାନ ମରାମତି, ମୋଟର ଗାଡି ମେକାନିକାଲ, ସର୍ଭେୟର, ଇଲେକ୍ଟ୍ରିସିଆନ। ପ୍ରତ୍ୟେକ ଟ୍ରେଡରେ ୨୦ଜଣ ଛାତ୍ରୀଛାତ୍ର ନାମ ଲେଖାଇବା ବ୍ୟବସ୍ଥା ରହିଛି। ଛାତ୍ରୀମାନଙ୍କୁ ମାଗଣା ପାଠ ପଢିବା ବ୍ୟବସ୍ଥା ଥିବା ବେଳେ ଏସ୍‌ସି, ଏସଟି ଛାତ୍ରଙ୍କ ଟ୍ୟୁସନ ଫି' ଛାଡ କରାଯାଇଛି। ଅନ୍ୟାନ୍ୟ ବର୍ଗର ଛାତ୍ରଙ୍କୁ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଫି' ଅନୁସାରେ ନାମ ଲେଖାଇବା ବ୍ୟବସ୍ଥା ରହିଛି। ଛାତ୍ରୀମାନେ କେବଳ ଆବେଦନ ଫି' ୧୦୦ ଟଙ୍କା ଏବଂ ଅନ୍ୟ ଏକ ଫି' ୧୦୦ ଟଙ୍କା ପ୍ରଦାନ କରିବେ। ଏଥିସହିତ ଛାତ୍ରୀମାନଙ୍କୁ ପ୍ରତିମ ସାରେ ପ୍ରୋତ୍ସାହନ ରାଶି ବାବଦକୁ ୫୦୦ ଟଙ୍କା ପ୍ରଦାନ କରାଯିବ ବୋଲି ଅଧ୍ୟକ୍ଷ ଲୋକେଶ ପଟ୍ଟନାୟକ କହିଛନ୍ତି। ଆଗକୁ ଛାତ୍ରୀ ଛାତ୍ରଙ୍କ ଆବଶ୍ୟକତାକୁ ଦେଖି ସିଟ ବଢାଇବା ସମ୍ଭାବନା ରହିଛି। ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ମାଟ୍ରିକ ପାସ ରଖାଯାଇଛି।

ନାମଲେଖା କିଭଳି ସଫଳ ହେବ ସେଥିପାଇଁ ଶୁକ୍ରବାର ଭଞ୍ଜନଗର ଶ୍ରୀବତ୍ସ ହାଇସ୍କୁଲରେ ଏକ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଆଇଟିଆଇର ଭାରପ୍ରାପ୍ତ ଅଧ୍ୟକ୍ଷ ପଟ୍ଟନାୟକ ବିଭିନ୍ନ ପର୍ଯ୍ୟାୟ ଉପରେ ସୂଚନା ଦେଇଥିଲେ। ଶୂଳପାଣି ସତପଥୀ ସଭା ସଂଯୋଜନା କରିଥିଲେ। ଏହା ପୂର୍ବରୁ ଭଞ୍ଜନଗର ଦୀନବନ୍ଧୁ ବେହେରା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, ବାହାଡ଼ାପଦର ହାଇସ୍କୁଲ, ବଡ କୋଦଣ୍ଡା ହାଇସ୍କୁଲରେ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ନାମଲେଖା ପ୍ରକ୍ରିୟା ସରିବା ପରେ ଏହି କୋଠା ଉଦଘାଟନ ହେବ ବୋଲି ଜଣାପଡ଼ିଛି।

- ପ୍ରଥମ ପର୍ଯ୍ୟାୟରେ ୪ଟି ଟ୍ରେଡ ଖୋଲିଲା
- ଛାତ୍ରୀମାନଙ୍କ ପାଇଁ ମାଗଣା ପାଠ୍ୟକ୍ରମ


ସଚେତନତା କାର୍ଯ୍ୟକ୍ରମରେ ଅଧ୍ୟକ୍ଷାଙ୍କ ସମେତ ଶିକ୍ଷକ ଓ ଶିକ୍ଷୟିତ୍ରୀ ।

## ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ବିକ୍ଷୋଭ



ଆଉଟସୋର୍ସିଂ କର୍ମଚାରୀ ବିକ୍ଷୋଭ କରୁଛନ୍ତି ।

ପାରଳାଖେମୁଣ୍ଡି, ୨୩।୬(ଗିରିଧାରୀ ପରିଚ୍ଛା) : ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ଆଉଟସୋର୍ସିଂ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ଏକତ୍ରିତ ହୋଇ ସମାନ କାମକୁ ସମାନ ଦରମା ପ୍ରଦାନ, ସ୍ଥାୟୀ ନିଯୁକ୍ତି କରିବା, ମହିଳା କର୍ମଚାରୀମାନଙ୍କୁ ଗର୍ଭବତୀ ସମୟରେ ଛୁଟି ପ୍ରଦାନ, ଅବସର ସମୟ ପର୍ଯ୍ୟନ୍ତ ଚାକିରିରେ ସ୍ଥାୟିତ୍ୱ, ଦରମା ବୃଦ୍ଧି ଇତ୍ୟାଦି ୧୨ ଦଫା ଦାବି ନେଇ ବିଜୁ କଲ୍ୟାଣ ମଣ୍ଡପଠାରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଁଚି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ଜିଲା ପ୍ରଶାସନ ଜରିଆରେ ପ୍ରଦାନ କରିଛନ୍ତି । ଦାବି ପୂରଣ ନ ହେଲେ ଆଗାମୀ ଦିନରେ ରାଜ୍ୟସ୍ତରୀୟ ନେତୃବୃନ୍ଦଙ୍କ ନିର୍ଦ୍ଦେଶ କ୍ରମେ ନବୀନ ନିବାସ ଘେରାଉ କରାଯିବ ବୋଲି ସଂଘର ସଭାପତି ରାଜୀବ ପାଢୀ ଚେତାବନୀ ଦେଇଛନ୍ତି।

# ବ୍ଲକସ୍ତରୀୟ କୃଷକ ତାଲିମ ଶିବିର

ଆସିକା, ୨୩।୬ (ସୁରେନ୍ଦ୍ର ନାଥ ସାହୁ): ଆସିକା ବ୍ଲକ ଭେଟନଇ ପଞ୍ଚାୟତ ସଭାଗୃହରେ ଗୁରୁବାର ବ୍ଲକସ୍ତରୀୟ କୃଷକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ଅଧିକାରୀ ବାସୁଦେବ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଅନ୍ତର୍ଜାତୀୟ ଧାନ ଗବେଷଣା କେନ୍ଦ୍ରର କୃଷି ବୈଜ୍ଞାନିକ ଡ. ସୁମନ ସିଂ, ବୈଷୟିକ ସହାୟକ ପି. ଶ୍ରୀଚନ୍ଦନ ଏବଂ ଆସିକା ବ୍ଲକ ସହକାରୀ କୃଷି ଅଧିକାରୀ ଶୁଭ୍ରତା ମିଶ୍ର, ଆତ୍ମାର ଅଧ୍ୟକ୍ଷ ରାଜେଶ ପଟ୍ଟନାୟକ, ଭେଟନଇ ସରପଞ୍ଚ ନମିତା ଜେନା, ସାରଦା ଖୁଣ୍ଟିଆ, ଦଣ୍ଡେଶ୍ୱର ପରିଡା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଚାଷୀମାନେ ପାରମ୍ପରିକ ବୁଣା ଧାନ ପ୍ରତି ଅଧିକ ଆଗଭର ହେବା ଲାଗି ଆହ୍ୱାନ ଦିଆଯାଇଥିଲା। ରୁଆ ଧାନ କ୍ଷେତରେ ଜମୁଥିବା ପାଣିରୁ ଉତ୍ପନ୍ନ ହେଉଥିବା ମିଥେନ ଗ୍ୟାସ ଯୋଗୁଁ ସୃଷ୍ଟି ହେଉଥିବା ପ୍ରଦୂଷିତ ପରିବେଶରୁ ଉଦ୍ଧାର ନିମନ୍ତେ ଚାଷୀମାନେ ଏହି ବୁଣା ଧାନ ପଦ୍ଧତିକୁ ଆପଣାଇବା ଲାଗି ପରାମର୍ଶ ଦିଆଯାଇଥିଲା। ପ୍ରାଥମିକ ସ୍ତରରେ ଆସିକା ବ୍ଲକର ଭେଟନଇ ପଞ୍ଚାୟତର ରତ୍ନସାଗର ସନ୍ନିକଟ ୨୦ ହେକ୍ଟର ଜମିରେ ଏହି ଚାଷର ପ୍ରଶିକ୍ଷଣ ଲାଗି ବ୍ୟବସ୍ଥା କରାଯାଇଥିବା ଏବଂ ଅଦ୍ୟାବଧି ୧୦ ହେକ୍ଟର ଜମିରେ ଚାଷ ସରିଥିବା ଜଣାଯାଇଛି ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ମୁମ୍ବାଇରୁ ଗାଁକୁ ଫେରିଲା ଦାଦନଙ୍କ ମୃତଦେହ

ପୋଲସରା, ୨୩।୬, (ଶିବପ୍ରସାଦ ସାହୁ): ପୋଲସରା ଥାନା ଅନ୍ତର୍ଗତ ପାଣ୍ଡିରିପଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ରାଇପଡ଼ା ଗ୍ରାମର ଜଣେ ଯୁବକ ମୁମ୍ବାଇରେ ଦାଦନ ଶ୍ରମିକ ଭାବରେ କାମ କରୁଥିବା ବେଳେ ମୃତ୍ୟୁ ଘଟିଛି। ସେ ହେଲେ ଭଗବାନ ପ୍ରଧାନଙ୍କ ୨୧ ବର୍ଷର ପୁଅ ସାଗର ପ୍ରଧାନ। ସେ ବାଣପୁରର ଜଣେ ଠିକାଦାରଙ୍କ ସହଯୋଗରେ କାମ କରୁଥିଲେ। ସେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ନେଇ ପରିବାର ଲୋକଙ୍କୁ ସୂଚନା ଦିଆଯାଇଥିଲା । ଶବ ବ୍ୟବଚ୍ଛେଦ ପରେ ପାଣ୍ଡିରିପଡ଼ା ସରପଞ୍ଚ ରଘୁନାଥ ଭୂୟାଁଙ୍କ ସହଯୋଗରେ ମୃତଦେହକୁ ମୁମ୍ବାଇରୁ ଆମ୍ବୁଲାନ୍ସ ଯୋଗେ ନିଜ ଗ୍ରାମକୁ ଅଣାଯାଇ ସତ୍କାର କରାଯାଇଛି। ସଂପୃକ୍ତ ଠିକାଦାର ମୃତକଙ୍କ ପରିବାରକୁ ଦୁଇ ଲକ୍ଷ ଟଙ୍କାର ସହାୟତା ରାଶି ଯୋଗାଇ ଦେଇଛନ୍ତି।

## ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ


ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଉଛି।

ଦିଗପହଣ୍ଡି, ୨୩।୬(ଅଶେଷ ନାଥ ମିଶ୍ର) ଭାରତରତ୍ନ ଡ.ଭୀମରାଓ ଆମ୍ବେଡକରଙ୍କ ଏକ ପ୍ରତିମୂର୍ତ୍ତି ଶୁକ୍ରବାର ଉନ୍ମୋଚିତ ହୋଇଯାଇଛି। ଦିଗପହଣ୍ଡି –ଆସିକା ରୋଡ ସ୍ଥିତ ଗଞ୍ଜାମ ଜିଲା ଆମ୍ବେଡକର ମୋଚିକୁଳ ମହାସଂଘ କାର୍ଯ୍ୟାଳୟ ପରିସରରେ ସ୍ଥାପିତ ପ୍ରତିମୂର୍ତ୍ତିକୁ ଖେମୁଣ୍ଡି ଓକିଲ ସଂଘର ପୂର୍ବତନ ସମ୍ପାଦକ ହରପ୍ରସାଦ ରଥ ଉନ୍ମୋଚନ କରିଥିଲେ। ଡ.ଆମ୍ବେଡକରଙ୍କ ଆଦର୍ଶକୁ ଗ୍ରହଣ କରି ଶିକ୍ଷାକୁ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଥିଲେ। ମୋଚିକୁଳ ସଂଘର ସଭାପତି ଆର.ଲୋକନାଥ, ସମ୍ପାଦକ ଏସ.ପ୍ରହଲ୍ଲାଦ, ଡି.ବାବୁ, ଏସ.ସେନବାବୁ, ଆର୍. ମୋହନ, ଆର. ଲାଚ୍ଛା, ଆର.ରାଜୁ, ଡି.ବାବୁଲା, ଏମ.ଯୁଧିଷ୍ଠିର, ଏନ.ଶରତ, ଏନ୍. ରାଜେଶ, ଏନ.ତ୍ରିନାଥ, ଜି.ଆପନା, କେ.ଲାଚ୍ଛିକା, ଏନ୍.ବାବୁଲା ଉପସ୍ଥିତ ଥିଲେ।

## ବ୍ଲକ ଅଧ୍ୟକ୍ଷା ଦାୟିତ୍ୱ ନେଲେ ଉପାଧ୍ୟକ୍ଷା

ଦିଗପହଣ୍ଡି, ୨୩।୬(ଅଶେଷ ନାଥ ମିଶ୍ର) ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷା ଭାବେ ଉପାଧ୍ୟକ୍ଷା ସୁକାନ୍ତି ପ୍ରଧାନ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପଞ୍ଚାୟତ ସମିତି ଆଇନର ଧାରା ୨୦ (କ)(୩)କୁ ଭିତ୍ତି କରି ଗଞ୍ଜାମ ଜିଲାପାଳଙ୍କ ଏକ ଚିଠି ବୁଧବାର ଦିଗପହଣ୍ଡି ବିଡିଓଙ୍କ ନିକଟରେ ପହଞ୍ଚିଥିଲା। ସେଥିରେ ଉପାଧ୍ୟକ୍ଷାଙ୍କୁ ଅଧ୍ୟକ୍ଷାଙ୍କ ସମସ୍ତ ଦାୟିତ୍ୱ ତୁରନ୍ତ ନ୍ୟସ୍ତ କରାଯିବାକୁ କୁହାଯିବା ସହ ଖାଲି ପଡ଼ିଥିବା ଗୋକର୍ଣ୍ଣପୁର ସମିତିସଭ୍ୟ ପଦବୀ ପୂରଣ ପାଇଁ ଉପନିର୍ବାଚନ ସମ୍ବନ୍ଧୀୟ ପ୍ରସ୍ତାବ ମଧ୍ୟ ଶୀଘ୍ର ପଠାଇବାକୁ ଚିଠିରେ କୁହାଯାଇଛି। ବ୍ଲକ ଉପାଧ୍ୟକ୍ଷାଙ୍କ ଅଧ୍ୟକ୍ଷା ଭାବେ ଦାୟିତ୍ୱ ଗ୍ରହଣ ସମୟରେ ଦିଗପହଣ୍ଡି ବିଡ଼ିଓ ଚିତ୍ତରଞ୍ଜନ ଦାସ, ବିଜେଡି ଜିଲା ଉପସଭାପତି ବି.କ୍ରିଷ୍ଣାରାଓ ସୁବୁଦ୍ଧି, ବ୍ଲକ ବିଜେଡି ସଭାପତି ବିଭୂତି ଭୂଷଣ ମହାପାତ୍ର, ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ପ୍ରଧାନ, ଏମପି ପ୍ରତିନିଧି ନିରୂପମା ପଟ୍ଟନାୟକ, ଦିଗପହଣ୍ଡି ମହିଳା ବିଜେଡି ସଭାନେତ୍ରୀ ଅନିତା ବେହେରା, ଆଇନଜୀବି ନକୁଳ ପ୍ରଧାନଙ୍କ ସମେତ ଜିଲା ପରିଷଦ ସଦସ୍ୟ ରାଧାକାନ୍ତ ମହାନ୍ତୁଡ, ସରପଞ୍ଚ ଫନିନ୍ଦ୍ର ଗୋସ୍ୱାମୀ, ଏମ୍. ଶ୍ୟାମଘନ, ରଞ୍ଜନ କୁମାର ସାହୁ, ଶଇଳ ବେହେରା, ଜି.ସୁନିତା ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ।


ନବନିଯୁକ୍ତ ବ୍ଲକ ଅଧ୍ୟକ୍ଷାଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ଜିଲାପାଳଙ୍କ ଉନ୍ନୟନ କାର୍ଯ୍ୟ ସମୀକ୍ଷା

ଧରାକୋଟ, ୨୩।୬ (ବିଷ୍ଣୁକେଶରୀ ଆଚାର୍ଯ୍ୟ): ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଶୁକ୍ରବାର ଧରାକୋଟ ବ୍ଲକ କାର୍ଯ୍ୟାଳୟରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ପ୍ରକଳ୍ପଗୁଡ଼ିକୁ ଯଥାଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଏନିମିଆ ରୋଗର ନିବାରଣ, ନିରୀକ୍ଷଣ ଯୋଜନାରେ ମାଗଣାରେ ଅଲ୍ଟ୍ରାସାଉଣ୍ଡ ପାଇଁ ସଚେତନ କରାଇବା, ମୋ ଘର ସ୍କିମରେ ସାମିଲ ହେବାପାଇଁ ଲୋକଙ୍କୁ ସଚେତନ କରାଇବା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର କାର୍ଯ୍ୟକାରିତା, ଅସମ୍ପୂର୍ଣ୍ଣ ଗ୍ରାମ୍ୟ ରାସ୍ତା ସଂଯୋଗୀକରଣ କରିବା, ବିଦ୍ୟୁତକରଣ ହୋଇନଥିବା ଗାଁକୁ ବିଦ୍ୟୁତ ସଂଯୋଗ ଆଦି ପ୍ରସ୍ତାବକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଜିଲାପାଳ ବିଭିନ୍ନ ନିର୍ମାଣଧୀନ ପ୍ରକଳ୍ପ ବୁଲି ଦେଖିଥିଲେ। ବଡ଼ବନ୍ଧର ସୌନ୍ଦର୍ଯ୍ୟକରଣ ସହ କ୍ଷୁଦ୍ର ଜଳସେଚନ ବିଭାଗର ହଜବନ୍ଧ ଉନ୍ନତିକରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଢଉଗାଁ ଛକରେ ଏକ ପୋଲିସ ବିଟ ହାଉସ ପ୍ରତିଷ୍ଠା ପାଇଁ ସ୍ଥାନ ପରିଦର୍ଶନ କରି ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀ, ଉପାଧ୍ୟକ୍ଷ ମନୋଜ ସାହୁ, ତହସିଲଦାର କବିରାଜ ପ୍ରଧାନ, ବିଡିଓ ଡେନିସ ବେହେରା, ସହକାରୀ ଯନ୍ତ୍ରୀ ଶାରଦା ପ୍ରାସାଦ ପ୍ରଧାନ, ଜିଲା ପରିଷଦ ସଭ୍ୟ ପ୍ରତାପ ସ୍ୱାଇଁ, ଟୁକୁନା ଗୌଡ଼, ବ୍ଲକ ବିଜେଡି ସଭାପତି ସଞ୍ଜୟ ପାତ୍ର, ଦିଲିପ ସ୍ୱାଇଁ, ରବୀନ୍ଦ୍ର ଘୋଷ, କନିଷ୍ଠ ଯନ୍ତ୍ରୀ ପ୍ରଦୀପ ନାୟକଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।


ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରୁଛନ୍ତି ଜିଲାପାଳ ।

## ସଂକ୍ଷେପରେ

### ବ୍ରହ୍ମପୁର ବିଧାୟକ ଜିଲା ଯୋଜନା କମିଟି ଅଧ୍ୟକ୍ଷ

ବ୍ରହ୍ମପୁର,୨୩।୬ (ନରସିଂହ ସାହୁ): ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଗଞ୍ଜାମ ଜିଲା ଯୋଜନା କମିଟି ଅଧ୍ୟକ୍ଷ ହୋଇଛନ୍ତି। ରାଜ୍ୟ ସରକାର ତାଙ୍କୁ


ବିଧାୟକ ବିକ୍ରମ କୁମାର ପଣ୍ଡା।

ମନୋନୀତ କରିଛନ୍ତି। ଏହି ମର୍ମରେ ଯୋଜନା ଓ ସଂଯୋଜନା ବିଭାଗ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ପୂର୍ବରୁ ଶ୍ରୀକାନ୍ତ ସାହୁଙ୍କୁ ଏହି ପଦ ମିଳିଥିଲା। ଗତବର୍ଷ ସେ ରାଷ୍ଟ୍ରମନ୍ତ୍ରୀ ହେବାରୁ ପଦ ଛାଡ଼ିବାକୁ ପଡ଼ିଥିଲା। ଦୀର୍ଘଦିନରୁ ଜିଲା ଯୋଜନା କମିଟି ଅଧ୍ୟକ୍ଷ ପଦ ଖାଲି ପଡ଼ିଥିଲା। ବିକ୍ରମ ନୂଆ ଅଧ୍ୟକ୍ଷ ହୋଇଥିବାରୁ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି। ଜିଲାର ଅନେକ ଯୋଜନା ଅସମ୍ପୂର୍ଣ୍ଣ ଅବସ୍ଥାରେ ଅଛି। ସେସବୁ ସମ୍ପୂର୍ଣ୍ଣ କରିବା ପାଇଁ ସେ ପଦକ୍ଷେପ ନେବେ ବୋଲି ଆଶା କରାଯାଉଛି।

### ଶ୍ୟାମ ପ୍ରସାଦଙ୍କ ବଳିଦାନ ଦିବସ

ବ୍ରହ୍ମପୁର,୨୩।୬(ନରସିଂହ ସାହୁ): ବ୍ରହ୍ମପୁରରେ ଭାଜପା ପକ୍ଷରୁ ଡ଼. ଶ୍ୟାମ ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଆଗାସାହିସ୍ଥ ପୁରୁଣା ବ୍ରହ୍ମପୁର ମଣ୍ଡଳ କାର୍ଯ୍ୟାଳୟରେ ହୋଇଥିବା ସ୍ମୃତିଚାରଣ ସଭାରେ ଟୁଙ୍ଗୁରୁ ପାତ୍ର ଅଧ୍ୟକ୍ଷତା କରିଥିଲେ। ଜିଲା ଉପସଭାପତି ସୁନୀଲ କୁମାର ସାହୁ, ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀ, ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ ରତ୍ନଗର୍ଭା ସରସ୍ୱତୀଙ୍କ ସମେତ ବିନାୟକ ରଥ, ବାଙ୍କନିଧି ସେଠୀ, ରାହୁଲ ସୁବୁଦ୍ଧି, ଦାସରଥୀ ସାହୁ, ଲିଙ୍ଗରାଜ ବେହେରା, ରବିନ୍ଦ୍ର ପାତ୍ର, ସୁଜ୍ଞାନୀ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

### ପ୍ରଧାନ ଶିକ୍ଷୟିତ୍ରୀଙ୍କ ଦାୟିତ୍ୱ ଗ୍ରହଣ



ବ୍ରହ୍ମପୁର,୨୩।୬ (ତନୁଶ୍ରୀ ନାହାକ) ବ୍ରହ୍ମପୁର କୁଇନ୍ସ ଅଫ ଦି ମିଶନ ହାଇସ୍କୁଲର ନୂତନ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଶୁକ୍ରବାର ମୋନାଲିସା ନାୟକ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଏହା ପୂର୍ବରୁ ଭୁବନେଶ୍ୱର ୟୁନିଟ-୯ ବାଳକ ବିଦ୍ୟାଳୟରେ କାର୍ଯ୍ୟରତ ଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହରେକୃଷ୍ଣ ପଣ୍ଡାଙ୍କ ଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ ବେଳେ ଶିକ୍ଷକ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ସାହୁ, ବରିଷ୍ଠ ଶିକ୍ଷକ ଡ଼ ଅନୁଜ କୁମାର ନାୟକ, ଚନ୍ଦ୍ରଲେଖା ମିଶ୍ର, ରଶ୍ମିତା ପାତ୍ରଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହିଥଲେ। ନୂତନ ଭାବେ କୁଇନ ମିଶନ ହାଇସ୍କୁଲରେ ଯୋଗ ଦେବା ପରେ ସେ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଉପସ୍ଥାପନ ଅଧିକରୁ ଅଧିକ କିପରି ହେବ ସେ ଦିଗରେ ଯତ୍ନବାନ ହେବା ସହ ବହୁ ସଂଖ୍ୟାରେ ମେଧାବୀ ଛାତ୍ରୀଛାତ୍ର ବାହରିବେ ଏବଂ ବିଦ୍ୟାଳୟର ଆନୁଷଙ୍ଗିକ ବ୍ୟବସ୍ଥାରେ ଅଧିକ ଧାନ ଦେବେ ବୋଲି କହିଛନ୍ତି ।

# ଅପରାଧୀଙ୍କ ଗତିବିଧି ଉପରେ ନଜର ରଖିବ ବଡି କ୍ୟାମେରା

ବ୍ରହ୍ମପୁର,୨୩।୬ (ସୁବାସ ଚନ୍ଦ୍ର ପାଢ଼ୀ)

ଦକ୍ଷିଣ ଓଡ଼ିଶାର ଅତ୍ୟନ୍ତ ସମ୍ବେଦନଶୀଳ କାରାଗାର ବ୍ରହ୍ମପୁର ସର୍କଲ୍ ଜେଲରେ ବହୁ ଆପରାଧିକ କାର୍ଯ୍ୟକଳାପର ଅଭିଯୁକ୍ତମାନେ ରହିଛନ୍ତି। ଜେଲରେ ଅନ୍ତେବାସୀଙ୍କ ସୁରକ୍ଷା ସବୁବେଳେ ଏକ ପ୍ରମୁଖ ପ୍ରସଙ୍ଗ ରହି ଆସିଛି। ବ୍ରହ୍ମପୁର ଜେଲରେ ବହୁ ହାର୍ଡ଼କୋର୍ ଅପରାଧୀ ଦୀର୍ଘବର୍ଷ ହେଲା ରହୁଛନ୍ତି। ଜେଲକୁ ସେମାନେ ତାଙ୍କର ଅସ୍ଥାୟୀ ଘର କରି ସାରିଲେଣି। ଏପରିକି କେତେଜଣ ନିର୍ଦ୍ଦିଷ୍ଟ ଅପରାଧୀ ଭାଇରାଜ୍ ଚଳାଇଛନ୍ତି। ଏମାନଙ୍କ ଗତିବିଧିକୁ ଟ୍ରାକ୍ କରିବା ପାଇଁ ଜେଲ୍ ୱାର୍ଡ଼ରମାନେ 'ବଡ଼ି କ୍ୟାମେରା' ପିନ୍ଧିବେ। ଏ ନେଇ ବ୍ୟୁରୋ ଅଫ୍ ପୋଲିସ ରିସର୍ଚ୍ଚ ଆଣ୍ଡ୍ ଡେଭଲପମେଣ୍ଟ (ବିପିଆରଡି) ଦେଶର ସମସ୍ତ ଜେଲ୍ କର୍ମଚାରୀଙ୍କ ପୋଷାକରେ ବଡ଼ି କ୍ୟାମେରା ଖଞ୍ଜିବାକୁ ଏସ୍‌ଓପି ଜାରି କରିଥିଲା। ଏହି ଏସ୍‌ଓପି ଅନୁସାରେ ବ୍ରହ୍ମପୁର ସର୍କଲ୍ ଜେଲର ୱାର୍ଡ଼ରମାନେ ବଡ଼ି କ୍ୟାମେରା ପିନ୍ଧିବେ ବୋଲି ବିଭାଗୀୟ ନିଷ୍ପତ୍ତି ହୋଇଛି।

ବ୍ରହ୍ମପୁର ସର୍କଲ୍ ଜେଲରେ ମାଓବାଦୀ ନେତା ସବ୍ୟସାଚୀ ପଣ୍ଡାଙ୍କ ସମେତ ଲାଲ୍ ସଙ୍ଗଠନର କେତେଜଣ ଅଭିଯୁକ୍ତ ମଧ୍ୟ ଅଛନ୍ତି। ସେହିପରି ଗଞ୍ଜେଇ ବ୍ୟବସାୟୀ, ଆନ୍ତଃଜିଲା ଡକାୟତ-ଲୁଟେରା, ସୁପାରି କିଲର୍, ହତ୍ୟାକାରୀ ମଧ୍ୟ ରହିଛନ୍ତି। ଏମାନଙ୍କୁ ଜଗିବା ପାଇଁ ପ୍ରତ୍ୟେକ ୱାର୍ଡ଼ରେ ସିସି କ୍ୟାମେରା ଲାଗିଛି। ଜେଲର ଚାରିପଟେ ଥିବା ୱାଚ ଟାୱାରରେ ସଶସ୍ତ୍ର ପୋଲିସ ବାହିନୀ ଜଗି ରହିଛନ୍ତି। ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ସତ୍ତ୍ୱେ ବିଭିନ୍ନ ସମୟରେ ଜେଲ୍ ଭିତରେ ଅନ୍ତେବାସୀଙ୍କ ମଧ୍ୟରେ ଗଣ୍ଡଗୋଳ

## ବ୍ରହ୍ମପୁର ସର୍କଲ ଜେଲ

ଦେଖିବାକୁ ମିଳୁଛି। ୱାର୍ଡ଼ ବାହାରେ ଯଦି କିଛି ଘଟଣା ଘଟୁଛି ତେବେ ତାହା ରେକର୍ଡ଼ ହୋଇପାରୁ ନାହିଁ। ଯଦ୍ୱାରା ଜେଲ୍ କର୍ତ୍ତୃପକ୍ଷଙ୍କ ନିକଟରେ ଘଟଣା ସମ୍ପର୍କରେ କିଛି ପ୍ରମାଣ ରହୁନାହିଁ। ୱାର୍ଡ଼ରମାନେ ବଡ଼ି କ୍ୟାମେରା ପିନ୍ଧିବା ପରେ ସବୁ ଘଟଣାକୁ ରେକର୍ଡ଼ କରାଯାଇ ପାରିବ। ସେହିପରି ହାର୍ଡ଼କୋର୍ ଅପରାଧୀଙ୍କୁ କୋର୍ଟ କିମ୍ବା ହସ୍ପିଟାଲ୍ ନେବା ସମୟରେ ସେମାନଙ୍କର ଗତିବିଧି ଉପରେ ମଧ୍ୟ ବଡ଼ି କ୍ୟାମେରା ଜରିଆରେ ନଜର ରଖାଯାଇପାରିବ। ବ୍ରହ୍ମପୁର ଜେଲରେ ଏହି ବ୍ୟବସ୍ଥା ଖୁବଶୀଘ୍ର ଲାଗୁ ହେବ ବୋଲି ସୂଚନା ମିଳିଛି। ଏଥିପାଇଁ ୱାର୍ଡରମାନଙ୍କୁ ପ୍ରଶିକ୍ଷଣ ଦିଆଯିବାର ବ୍ୟବସ୍ଥା ରହିଛି। ଏହାପରେ ଜେଲ୍ ପରିସରରେ ଏକ ସ୍ୱତନ୍ତ୍ର କଣ୍ଟ୍ରୋଲ୍ ରୁମ୍ ଖୋଲାଯିବ। ବଡ଼ି କ୍ୟାମେରାରେ ରେକର୍ଡ଼ ହେଉଥିବା ଦୃଶ୍ୟ ଉପରେ କଣ୍ଟ୍ରୋଲ୍ ରୁମ୍ ଜରିଆରେ ନଜର ରଖାଯାଇ ପାରିବ। ଏହି ବ୍ୟବସ୍ଥା ଲାଗୁ ହେବା ପରେ ୱାର୍ଡ଼ ଭିତରେ ଓ ବାହାରେ ସବୁ ସମୟରେ ଅନ୍ତେବାସୀ କ୍ୟାମେରା ନଜରରେ ରହିବେ।

ସୂଚନା ଅନୁସାରେ ବ୍ରହ୍ମପୁର ସର୍କଲ୍ ଜେଲରେ ୯୧୪ କଏଦୀ ରହିବା କ୍ଷମତା ଥିବା ବେଳେ ଶୁକ୍ରବାର ସୁଦ୍ଧା ୮୩୩ ଜଣ ରହିଥିବା ଜେଲର୍ ସତ୍ୟନାରାୟଣ ବେହେରା ସୂଚନା ଦେଇଛନ୍ତି। ୱାର୍ଡ଼ରଙ୍କ ପୋଷାକରେ ବଡ଼ି କ୍ୟାମେରା ଖଞ୍ଜାଯିବା ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ବିଭାଗୀୟ ନିର୍ଦ୍ଦେଶ ଆସିବା ପରେ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।



ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com
@ ଶାନ୍ତନୁ
ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କୁଇନ୍ ଅଫ୍ ଦି ମିଶନ୍ସ ହାଇସ୍କୁଲର ୨ୟ ଫାଟକ ଉଦ୍‌ଘାଟିତ


ଦ୍ୱିତୀୟ ଫାଟକ ଉଦଘାଟନୀରେ ଉପସ୍ଥିତ ଅଧିକ୍ଷଣ ଯନ୍ତ୍ରୀ, ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ର।

ବ୍ରହ୍ମପୁର ୨୩।୬ (ତନୁଶ୍ରୀ ନାହାକ)

ସରକାରୀ କୁଇନ ଅଫ ଦି ମିଶନ୍ସ ହାଇସ୍କୁଲ ଦ୍ୱିତୀୟ ଫାଟକ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ବଡଖେମୁଣ୍ଡି ସାହି ପଟକୁ ହୋଇ ଫାଟକ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ସାହୁଙ୍କ ଉପସ୍ଥିତିରେ ଉଦ୍‌ଘାଟିତ ହୋଇଥିଲା। ପୂର୍ବତନ ପ୍ରାଧନ ଶିକ୍ଷକ ହରେକୃଷ୍ଣ ପଣ୍ଡା, ସହକାରୀ ଯନ୍ତ୍ରୀ ଏମ ବି କେ ଚୌଧୁରୀ, ବରିଷ୍ଠ ଶିକ୍ଷକ ଡ଼ ଅନୁଜ କୁମାର ନାୟକ, ଚନ୍ଦ୍ରଲେଖା ମିଶ୍ର, ରଶ୍ମିତା ପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ଦ୍ୱିତୀୟ ଫାଟକଟି କେବଳ ବିଦ୍ୟାଳୟକୁ ଯା'ଆସ କରିବା ସମୟରେ ଖୋଲା ରହିବ। ଅନ୍ୟାନ୍ୟ କାର୍ଯ୍ୟ ନିମନ୍ତେ ମୁଖ୍ୟ ଫାଟକ ବ୍ୟବହାର କରାଯିବ ବୋଲି ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ସାହୁ କହିଛନ୍ତି।

ସୂଚନାଯୋଗ୍ୟ, ବ୍ରହ୍ମପୁରର ବହୁ ପୁରାତନ କୁଇନ ଅଫ ଦି ମିଶନସ ସ୍କୁଲକୁ ମୁଖ୍ୟ ଫାଟକ ଦେଇ ବଡଖେମୁଣ୍ଡି ସାହି, ବଢ଼େଇ ସାହି, ଭଣ୍ଡାରୀ ସାହି, ବାଉରି ସାହି, ଗୋଲାପଲି ସାହି, ରାମକୃଷ୍ଣ ନଗର, ହରିଜନ ସାହି, ଚନ୍ଦ୍ରପ୍ରଭା ସାହି, ହାତିବନ୍ଧ ସାହି ଓ ଆଖପାଖ ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ବିପଦ ସଙ୍କୁଳ ରାସ୍ତାରେ ମୁଖ୍ୟ ଫାଟକ ଦେଇ ଯିବା ଆସିବା କରିବାକୁ ପଡୁଥିଲା। ତେଣୁ ଅଭିଭାବକ ମାନଙ୍କ ତରଫରୁ ଉପଯୁକ୍ତ ସ୍ଥାନରେ ଅନ୍ୟ ଏକ ଫାଟକ ସ୍ଥାପନ କରିବା ପାଇଁ ଅନୁରୋଧ କରାଯାଉଥିଲା। ଅଭିଭାବକ ସମ୍ମିଳନୀଗୁଡିକରେ ଏହି ସମସ୍ୟାର ସମାଧାନ ପାଇଁ ଆଲୋଚନା ହୋଇଥିଲା। ଅଭିଭାବକ ମାନଙ୍କର ଚାପରେ ବାସ୍ତବତାକୁ ବିଚାର କରି ବିଦ୍ୟାଳୟ ପରିଚାଳନା କମିଟିଦ୍ୱାରା ଦ୍ୱିତୀୟ ଫାଟକ ସ୍ଥାପନ ପାଇଁ ନିଷ୍ପତ୍ତି କରାଯାଇଥିଲା। ବିଦ୍ୟାଳୟର ମୁଖ୍ୟ ପୃଷ୍ଠପୋଷକ ପୂର୍ବତନ ଅଗ୍ନିଶମ ମହା ନିର୍ଦ୍ଦେଶକ ଏମ ଅକ୍ଷୟ ଦ୍ୱିତୀୟ ଫାଟକ ନିର୍ମାଣ ପାଇଁ ସ୍ଥାନୀୟ ରାସ୍ତା ଓ ଗୃହ ନିର୍ମାଣ ନିର୍ବାହୀ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମହାନଗର ନିଗମର ଏନଫୋର୍ସମେଣ୍ଟ ଅଫିସରଙ୍କ ଉପସ୍ଥିତିରେ ବଡଖେମୁଣ୍ଡି ବଢ଼େଇ ସାହି ପାର୍ଶ୍ୱ ପ୍ରାଚୀରର କିଛି ଅଂଶ ଭାଙ୍ଗି ରାସ୍ତା ଓ ଗୃହ ନିର୍ମାଣ ଉପଖଣ୍ଡ ଅଧିକାରୀଙ୍କ ଦ୍ୱାରା ଫାଟକ ନିର୍ମାଣ କରାଯାଇଥିଲ।।

# ୨ ମାମଲାରେ ୭ କୋର୍ଟ ଚାଲାଣ

## ଆମ୍ବୁଲାନ୍ସ କର୍ମଚାରୀ ସଂଘର୍ଷ ଘଟଣା

ବ୍ରହ୍ମପୁର,୨୩।୬ (ସୁବାସ ଚନ୍ଦ୍ର ପାଢ଼ୀ)

ଏମକେସିଜିକୁ ରୋଗୀ ନେବା ଆଣିବା ପାଇଁ ରହିଥିବା ଘରୋଇ ଆମ୍ବୁଲାନ୍ସ ମଧ୍ୟରେ ଭଡ଼ାକୁ କେନ୍ଦ୍ର କରି ବୁଧବାର ରାତିରେ ୨ ଗୋଷ୍ଠୀଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଥିଲା। ଏନେଇ ଉଭୟ ଗୋଷ୍ଠୀ ପକ୍ଷରୁ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଗୋଟିଏ ଗୋଷ୍ଠିର ଜ୍ୟୋତିକୃଷ୍ଣ ବେହେରାଙ୍କ ଅଭିଯୋଗ କ୍ରମେ ନଂ ୨୬୮/୨୩ ରେ ମାମଲା ରୁଜୁ କରିଥିଲା। ଏହି ମାମଲାରେ ଏମ. ସୋମେଶ ପାତ୍ର, ସୁବ୍ରତ ନାୟକ, ମନୋଜ କୁମାର ମହାନ୍ତି, ବିଟୁନା ନାୟକ ଓ ଜୟସେନ ନାୟକଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ସେହିପରି ମାମଲା ନମ୍ବର ୨୬୯/୨୩ ରେ ଜ୍ୟୋତିକୃଷ୍ଣ ବେହେରା ଓ ରାକେଶ ଭୂୟାଁଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଛି। ଘଟଣାର ତଦନ୍ତ ଜାରି ରହିଛି। ତଦନ୍ତ ବେଳେ ଯେଉଁମାନଙ୍କର ସମ୍ପୃକ୍ତି ମିଳିବ ସେମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଥାନାଧିକାରୀ ରାମ କୁମାର ମୁର୍ମୁ ସୂଚନା ଦେଇଛନ୍ତି। ଘଟଣାରୁ ପ୍ରକାଶ ଯେ, ବୁଧବାର ରାତ୍ର ସାଢ଼େ ୧୧ଟା' ରେ ଏକ ମୃତଦେହ ନେବା ପାଇଁ ସେଠାରେ ଦୁଇଗୋଷ୍ଠୀ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ହୋଇଥିଲା। ଉଭୟ ଗୋଷ୍ଠି ପକ୍ଷରୁ ପୃଥକ ଭାବେ ଥାନାରେ ମାମଲା ରୁଜୁ ହୋଇଥିଲା।

# ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର,୨୩।୬ (ସୁବାସ ଚନ୍ଦ୍ର ପାଢ଼ୀ)

## ଅପ୍ରାକୃତିକ ଯୌନ ସମ୍ପର୍କ ମାମଲା

ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ପ୍ରଭାତ କୁମାର ରାଜଗୁରୁ ଶୁକ୍ରବାର ଏକ ଅପ୍ରାକୃତିକ ଯୌନ ସମ୍ପର୍କ ମାମଲାର ରାୟ ପ୍ରକାଶ କରିଛନ୍ତି। ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କୁ ସେ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେ ହେଲେ କୋଦଳା ଥାନା ଅଞ୍ଚଳର ବଳରାମ ସ୍ୱାଇଁ(୩୬)।

୨୦୧୮ରେ ଜଣେ ନାବାଳକ ଛାତ୍ରଙ୍କୁ ପ୍ରଲୋଭିତ କରି ବଳରାମ ତାଙ୍କ ଘରକୁ ଡାକି ନେଇଥିଲେ। ଘରେ କେହି ନ ଥିବା ବେଳେ ସେ ତାଙ୍କ ସହ ଅପ୍ରାକୃତିକ ଯୌନ ସମ୍ପର୍କ ରଖିଥିଲେ। ନାବାଳକ ଜଣଙ୍କ ଘରକୁ ଫେରି ତାଙ୍କ ବାପାଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ପରେ କୋଦଳା ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ୨୭୯/୧୮ ଏକ ମାମଲା ରୁଜୁ କରି ବଳରାମଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ତତ୍କାଳୀନ ତଦନ୍ତକାରୀ ଅଧିକାରୀ ତଥା ଏସଆଇ ପ୍ରଦୀପ କୁମାର ଦାସ କୋର୍ଟରେ ଅଭିଯୋଗପତ୍ର ଦାଖଲ କରିଥିଲେ। ପରେ ବଳରାମ ଜାମିନରେ ମୁକୁଳିଥିଲେ। ଉକ୍ତ ମାମଲାର ବିଚାର ବେଳେ ୩ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ରାୟ ଶୁଣାଣି ବେଳେ ବଳରାମଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସାକ୍ଷୀମାନଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ ବଳାରାମଙ୍କୁ ଜଜ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ଶ୍ରୀକାନ୍ତ ସାହୁ ମକଦ୍ଦମା ପରିଚାଳନା କରିଥିଲେ।

# ୧୭ଲକ୍ଷ ନେଇଗଲେ ସାଇବର ଠକ

ବ୍ରହ୍ମପୁର,୨୩।୬ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରରେ ପୁଣି ସାଇବର୍ ଠକେଇ। ଜଣେ ଯୁବତୀଙ୍କଠାରୁ ପର୍ଯ୍ୟାୟକ୍ରମେ ୧୭ଲକ୍ଷ ୧ହଜାର ୫ଶହ ଟଙ୍କା ଠକେଇ ହୋଇଛି। ସାଇବର୍ ଥାନା ପୋଲିସ ନଂ.୧୩/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ରାମହରିନଗରରେ ରହୁଥିବା ପିଉ ନାୟକଙ୍କ ନିକଟକୁ ଏକ ନମ୍ବରରୁ ହ୍ୱାଟସ୍‌ଆପ୍ ମେସେଜ୍ ଆସିଥିଲା। ୟୁଟ୍ୟୁବ୍ ଚ୍ୟାନେଲ୍ ସଂଯୋଗ କରିବା ସମ୍ପର୍କିତ ଚାକିରି ପାଇଁ ଅଫର ଆସିଥିଲା। ପିଉ ୟୁଟ୍ୟୁବ୍ ଚ୍ୟାନେଲ୍ ସଂଯୋଗ କରିଥିଲେ। ପରେ ତାଙ୍କୁ କିଛି ଟଙ୍କା ମିଳିଥିଲା। ପରେ ଅଧିକ ଟଙ୍କା ରୋଜଗାରର ଲୋଭ ଦେଖାଇ କ୍ରିପ୍ଟୋ କରେନ୍ସିରେ ଟଙ୍କା ବିନିଯୋଗ ପାଇଁ କହିଥିଲେ। ପ୍ରଥମ ପର୍ଯ୍ୟାୟରେ ପିଉ ଯେତିକି ଟଙ୍କା ବିନିଯୋଗ କରିଥିଲେ ତା' ଠାରୁ ଅଧିକ ଟଙ୍କା ପାଇଥିଲେ। ଦୁଇଟି ତିନିଟି ପର୍ଯ୍ୟାୟରେ ସାଇବର୍ ଠକ ଏଭଳି ଲୋଭ ଦେଖାଇଥିଲେ। ପରେ ସେ ୩ଲକ୍ଷ ୧୦ହଜାର, ୩ଲକ୍ଷ ୬୦ହଜାର, ୪ଲକ୍ଷ, ୫ଲକ୍ଷ ଓ ୬ଲକ୍ଷ ୩୧ହଜାର ଟଙ୍କା ବିନିଯୋଗ କରିଥିଲେ। ସେହି ଟଙ୍କା ପାଇବା ପାଇଁ ସାଇବର୍ ଠକ ଆହୁରି ଟଙ୍କା ଜମା କରିବାକୁ କହିଥିଲେ। ଏଥିରେ ପିଉ ଠକେଇର ଶିକାର ହୋଇଥିବା ଜାଣି ସାଇବର୍ ଥାନାରେ ଅଭିଯୋଗ କରିଥିଲେ।

# ଗଞ୍ଜାମ ବକ୍ସିଂ ଦଳର ରାଉରକେଲା ଯାତ୍ରା

ବ୍ରହ୍ମପୁର,୨୩।୬ (ତନୁଶ୍ରୀ ନାହାକ)

ରାଉରକେଲା ବିଜୁ ପଟ୍ଟନାୟକ ଷ୍ଟାଡ଼ିୟମ ଠାରେ ଶନିବାର ଓ ରବିବାର ଦୁଇଦିନ ଧରି ଜୁନିୟର ଓ ସବଜୁନିୟର ଓଡ଼ିଶା ବକ୍ସିଂ ଟିମ ଚୟନ କରାଯିବ। ଏହି ପ୍ରତିଯୋଗିତା ନିମନ୍ତେ ଗଞ୍ଜାମ ଜିଲା ବକ୍ସିଂ ସଂଘ ପକ୍ଷରୁ ବାଳକ ଓ ବାଳିକା ଜୁନିୟର ଓ ସବଜୁନିୟର ପ୍ରତିଯୋଗୀମାନେ ରାଉରକେଲା ଅଭିମୁଖେ ଯାତ୍ରା କରିଛନ୍ତି। ଟିମରେ ୧୨ ଜଣ ବାଳକ, ୩ଜଣ ବାଳିକା , ସବଜୁନିୟର ବସିଭାଗରେ ୯ଜଣ ବାଳକ ଓ ଦୁଇ ଜଣ ବାଳିକାଙ୍କ ସମେତ ଟିମ କୋଚ ଓ ମ୍ୟାନେଜର ଭାବେ ଭାବେ ସନ୍ତୋଷ ପାତ୍ର, ଲିଟୁ ଦାସ, ଏସ.ମୁରଲି, ବିପିନ ଗୌଡ଼, ଏ.ରିତୁ ରଣ ପ୍ରମୁଖ ରାଉରକେଲା ଯାତ୍ରା କରିଛନ୍ତି। ପ୍ରତିଯୋଗୀଙ୍କୁ ଗଞ୍ଜାମ ଜିଲା କ୍ରୀଡ଼ା ସଂଘ ସମ୍ପାଦକ ଅଶୋକ ସାହୁଙ୍କ ସମେତ ବକ୍ସିଂ କୋଚ ଶିଶିର କୁମାର ପାଣିଗ୍ରାହୀ, ବକ୍ସିଂ ସଂଘ ସମ୍ପାଦକ କେ.ପ୍ରଭାକର ରାଓ ଅନ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ଆସନ୍ତା ୨୬ ତାରିଖରୁ ଜୁଲାଇ ୧ ପର୍ଯ୍ୟନ୍ତ ମଧ୍ୟ ପ୍ରଦେଶର ଭୋପାଲଠାରେ ଷଷ୍ଠ ଜାତୀୟ ମହିଳା ବକ୍ସିଂ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଗଞ୍ଜାମ ଜିଲା ବକ୍ସିଂ ସଂଘ ପକ୍ଷରୁ ଶୁକ୍ରବାର ୩ ପ୍ରତିଯୋଗୀ ରାଜ୍ୟ ଟିମ ସହ ଯୋଗଦେଇ ଭୋପାଲ ଅଭିମୁଖେ ଯାତ୍ରା କରିଛନ୍ତି । ପ୍ରତିଯୋଗୀମାନେ ହେଲେ ମେଘା ବେହେରା,ମନସ୍ୱିନୀ ସାବତ ଓ ଶ୍ୟାମା ମୁଖୀଙ୍କ ସମେତ ପ୍ରତିଯୋଗୀଙ୍କ ସହ କୋଚ ଭାବେ ଗୌରୀ ପଣ୍ଡା ଭୋପାଲ ଅଭିମୁଖେ ଯାତ୍ରା କରିଛନ୍ତି।


ରାଉରକେଲା ଅଭିମୁଖେ ଯାତ୍ରା କରିଥିବା ଗଞ୍ଜାମ ଦଳ ।

# ଦାବି ପୂରଣ ନ ହେଲେ କାର୍ଯ୍ୟବନ୍ଦ ଆନ୍ଦୋଳନ

ବ୍ରହ୍ମପୁର,୨୩।୬ (ସ୍ମୃତି ରଞ୍ଜନ ମହାଲିକ)

## ଆର୍‌ଡିସିଙ୍କୁ ଆଉଟସୋର୍ସିଂ କର୍ମଚାରୀ ମହାସଂଘର ଦାବିପତ୍ର

ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘ ଜିଲା କମିଟି ପକ୍ଷରୁ ବିଭିନ୍ନ ଦାବି ନେଇ ଶୁକ୍ରବାର କମାପଲୀ ଛକରୁ ଏକ ବିଶାଳ ରାଲି ବାହାରି ଆରଡିସିଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ଆରଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ କମିଟିର ଜିଲା ସଭାପତି ବିଜୟ ମଲିକଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ରାଜ୍ୟ ଆବାହକ ପ୍ରତାପ ପ୍ରଧାନ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ମାରଣ ନୀତିକୁ ବିରୋଧ କରିଥିଲେ। ଆଉଟସୋର୍ସିଂ କର୍ମଚାରୀଙ୍କ ଦାବି ପ୍ରତି ୫-ଟି ଓ ମୋ ସରକାର ବ୍ୟବସ୍ଥା ସଂପୂର୍ଣ୍ଣ ବିଫଳ ହୋଇଛି ବୋଲି କହିଥିଲେ। ଦାବିପତ୍ର ପ୍ରଦାନ ସମୟରେ ମହାସଂଘର ଉପସଭାପତି ଜୟରାମ ରାଓ, ସଂପାଦକ ବିନାୟକ ପତି, ସାଂଗଠନିକ ସଂପାଦକ ସୁନୀଲ ଦାସ, ପଞ୍ଚାୟତ କର୍ମଚାରୀ ନେତା ମିହିର ବିଶ୍ୱାଳ, ଅମରେସ ବେହେରା, ସ୍ୱାସ୍ଥ୍ୟ କର୍ମଚାରୀ ନେତା ଏନ ନିରଞ୍ଜନ ଦାସ ଓ ହିମାଂଶୁ ପଟ୍ଟନାୟକଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ପୁଅ ସହ ମିଶି ପାରୁନାହାନ୍ତି ଗୀତା

ବ୍ରହ୍ମପୁର,୨୩।୬ (ସୁବାସ ଚନ୍ଦ୍ର ପାଢ଼ୀ)

## ଶିଶୁପୁତ୍ରକୁ ନେଇ ୨ ମହିଳାଙ୍କ ମଧ୍ୟରେ ବିବାଦ ଘଟଣା

୫ ବର୍ଷର ପୁଅକୁ ନେଇ ଦୁଇ ମା'ଙ୍କ ମଧ୍ୟରେ ଉଠିଥିବା ବିବାଦ ଅଧିକ ଜଟିଳ ହୋଇଛି। ଶିଶୁପୁତ୍ରକୁ ଜନ୍ମ ଦେଇଥିବା ଦାବି କରୁଥିବା ରମ୍ଭା ଥାନା ପାଲୁର ଗଜପତି ନଗରର ସୁନିତା ବେହେରା ଓ ଲାଳନପାଳନ କରି ନିଜ ପୁଅ କହୁଥିବା ବ୍ରହ୍ମପୁର ଗଜପତି ନଗର ୭ମ ଲାଇନର ଗୀତା ଦାଶଙ୍କ ମଧ୍ୟରେ ବିବାଦ ଲାଗି ରହିଛି। ଶିଶୁପୁତ୍ର ଗୋଷାଣିନୁଆଗାଁ ଅଞ୍ଚଳରେ ଥିବା ଉତ୍କଳ ବାଳାଶ୍ରମରେ ରହିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଗୀତା ସପ୍ତାହକୁ ଥରେ ବାଳାଶ୍ରମରେ ଥିବା ପୁଅକୁ ମିଶି ପାରିବେ ବୋଲି କୋର୍ଟ ଅନୁମତି ଦେଇଥିଲେ। ହେଲେ ବାଳାଶ୍ରମ କର୍ତ୍ତୃପକ୍ଷ ପୁଅ ସହ ମିଶିବାକୁ ଦେଉନାହାନ୍ତି ବୋଲି ଗୀତା ଖବରଦାତାଙ୍କୁ ଅଭିଯୋଗ କରିଛନ୍ତି। ପୁଅର ସ୍ୱାସ୍ଥ୍ୟ ଖରାପ ଥିବା ନେଇ ଜାଣିବାକୁ ପାଇଥିଲି। ଯଦି ତାହାର କିଛି ଅସୁବିଧା ହେବ ତେବେ ପୋଲିସ ଓ ବାଳାଶ୍ରମ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ସେ କହିଛନ୍ତି। ପୁଅକୁ ଦେଖିବା ପାଇଁ କେହି ବି ସହାୟତା କରୁନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ମୋ ପୁଅକୁ ମୋତେ ଦିଆଯାଉ ବୋଲି ସେ କୋହଭରା କଣ୍ଠରେ ପ୍ରଶାସନକୁ ଅନୁରୋଧ କରିଛନ୍ତି। ପୁଅକୁ ମୁଁ କେଉଁଠାରୁ ଚୋରାଇ ଆଣିନାହିଁ ନାହିଁ ବରଂ ମୋ ସ୍ୱାମୀ ରାସ୍ତା କଡ଼ର ଏକ ବୁଦା ମୂଳରେ ପଡ଼ିଥିବା ଶିଶୁଟିକୁ ଆଣି ତାର ଲାଳନପାଳନ କରିଥିଲୁ ବୋଲି ସେ କହିଛନ୍ତି। ଅନ୍ୟପଟେ ବାଳାଶ୍ରମରେ ଶିଶୁ ଯତ୍ନ ଓ ସୁରକ୍ଷା ପାଇଁ ରହୁଥିବା ଅଧିକାରୀ ଅରୁନ୍ଧତୀ ପରିଡା କହିଛନ୍ତି ଯେ, ସମ୍ପୃକ୍ତ ଶିଶୁପୁତ୍ରଙ୍କୁ ମିଶିବା ପାଇଁ କୋର୍ଟରୁ ଆମକୁ ସେଭଳି କିଛି ନିର୍ଦ୍ଦେଶ ମିଳିନାହିଁ। ଯଦି କୋର୍ଟ ନିର୍ଦ୍ଦେଶ ଦେବେ ତେବେ ସମ୍ପୃକ୍ତ ମହିଳାଙ୍କ ସହ ଶିଶୁଟିକୁ ମିଶିବାକୁ ଦେବୁ ବୋଲି କହିଛନ୍ତି। ଶିଶୁଟି ବର୍ତ୍ତମାନ ସୁସ୍ଥ ରହିଛି ବୋଲି ସେ କହିଛନ୍ତି। ପ୍ରକାଶଥାଉ କି ସୁନିତା ବୈଦ୍ୟନାଥପୁର ଥାନାରେ ଗତ ୯ତାରିଖରେ ତାଙ୍କ ପୁଅକୁ ଗୀତା ଚୋରି କରି ନେଇଯାଇଛନ୍ତି ବୋଲି ଏତଲା ଦେଇଥିଲେ। ପୋଲିସ ସଂପୃକ୍ତ ଘଟଣାର ତଦନ୍ତ କରୁଥିବା ବେଳେ ଶିଶୁପୁତ୍ରର ଜନ୍ମଗତ ପ୍ରମାଣପତ୍ର କି ଆଧାର କାର୍ଡ କିଛି ମିଳୁନାହିଁ। ସେପଟେ ପୋଲିସ ଗୀତାଙ୍କ ଘରୁ ପୁଅକୁ ଉଦ୍ଧାର କରି ଶିଶୁ ମଙ୍ଗଳ ସମିତି(ସିଡବ୍ଲ୍ୟୁସି)ରେ ହାଜର କରିଥିଲା। ସିଡବ୍ଲ୍ୟୁସି ନିର୍ଦ୍ଦେଶ ପ୍ରକାରେ ସାଇରାମଙ୍କୁ ଗୋସାଇଁନୂଆଗାଁ ଉତ୍କଳ ବାଳାଶ୍ରମରେ ରଖାଯାଇଛି। ସୁନିତା ଜନ୍ମଦାତ୍ରୀ ବୋଲି ଦାବି କରୁଥିବା ବେଳେ ଗୀତା ତାଙ୍କର ଲାଳନପାଳନ କରିଥିବା ମା' ବୋଲି କହୁଛନ୍ତି। କିନ୍ତୁ ପୋଲିସ ଶିଶୁଙ୍କୁ ତାର ଠିକ ପରିଚୟ ଦେବାକୁ ତଦନ୍ତ ଜାରି ରଖିଛି।

# ଏମ୍‌କେସିଜିରେ ୨୪ ଘଣ୍ଟିଆ ଅଲଟ୍ରାସାଉଣ୍ଡ, ଏକ୍ସ-ରେ ସେବା ଦାବି

ବ୍ରହ୍ମପୁର,୨୩।୬ (ସ୍ମୃତି ରଞ୍ଜନ ମହାଲିକ୍)

ଏମ୍‌କେସିଜି ମେଡିକାଲରେ ୨୪ ଘଣ୍ଟିଆ ଅଲଟ୍ରାସାଉଣ୍ଡ ଓ ଏକ୍ସ-ରେ ସେବା ପ୍ରଦାନ ଦାବି ନେଇ ଶୁକ୍ରବାର ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର (ଆରଡିସି)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସମାଜିକ କର୍ମୀ ବିନୋଦ ସାବତଙ୍କ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପରେ ଏ ନେଇ ଆର୍‌ଡିସିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଏମ୍‌କେସିଜିରେ ଅଲଟ୍ରାସାଉଣ୍ଡ ପରୀକ୍ଷା ପାଇଁ ଗୁରୁତର ଓପିଡି ଓ ଆଇପିଡି ରୋଗୀଙ୍କୁ ଦୀର୍ଘ ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ପ୍ରାୟ ୭ରୁ ୮ ଘଣ୍ଟା ଅପେକ୍ଷା ପରେ ପରୀକ୍ଷା କରାଯାଉଛି। ଦିନକୁ ପ୍ରାୟ ୨୦୦ ରୋଗୀଙ୍କୁ ଅଲଟ୍ରାସାଉଣ୍ଡ ପାଇଁ ଡାକ୍ତରମାନେ ପରାମର୍ଶ ଦେଉଥିବା ବେଳେ ଏଠାରେ ଦିନକରେ ମାତ୍ର ୪୦ ଜଣଙ୍କ ପରୀକ୍ଷା

## ଆର୍‌ଡିସିଙ୍କୁ ଦାବିପତ୍ର

କରାଯାଇ ପାରୁଛି। ଅନ୍ୟପଟେ ଛୁଟି ଦିନରେ କୌଣସି ରୋଗୀଙ୍କ ଅଲଟ୍ରା ସାଉଣ୍ଡ କରାଯାଉନାହିଁ। ସେହିପରି କାଜୁଆଲଟିକୁ ଆସୁଥିବା ଗୁରୁତରଙ୍କ ପାଇଁ ଏକ୍ସ-ରେ ପରୀକ୍ଷାର ଆବଶ୍ୟକ ଥିବା ବେଳେ ମେଡିକାଲରେ ସନ୍ଧ୍ୟା ୫ଟାରୁ ସକାଳ ୯ଟା ପର୍ଯ୍ୟନ୍ତ ଏକ୍ସରେ ଓ ଅଲଟ୍ରା ସାଉଣ୍ଡ କରାଯିବାର କୌଣସି ବ୍ୟବସ୍ଥା ନାହିଁ ବୋଲି ବିନୋଦ ଦର୍ଶାଇଛନ୍ତି। ୭ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଆରଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ବେଳେ ଅନ୍ୟମାନଙ୍କ ମଧ୍ୟରେ ରୋହିତ ଭୂୟାଁ, ସନ୍ତୋଷ କୁମାର ସାହୁ, ଶିଶିର ସାହୁ, ଅସିତ କୁମାର ଶତପଥୀ ଓ ବିରେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।



ଆର୍‌ଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

